# Akashvani, Sambalpur

## SAMBALPURI NEWS EVENING BULLETIN

## 28 September 2024- 7.02 pm- 7.12 pm.

**********************************************

୧- ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ର ଶହେ ୧୪ ନମ୍ବର୍ ସଂସ୍କରଣ୍‌ଥି ଆଏବା କାଏଲ୍ ଦେଶ୍‌ବାସୀଙ୍କର୍ ସଙ୍ଗେ ଭାବ ବିନିମୟ କର୍‌ବେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ।

୨- ଜିଲ୍ଲାପାଲ୍, ଆରକ୍ଷୀ ଅଧିକ୍ଷକ ସମ୍ମିଳନୀଥି ଅଭିଭାଷଣ୍ ରଖିଲେ ମୁଖ୍ୟମନ୍ତ୍ରୀ ।

- କହେଲେ, ରାଏଜେ ଆଇନ୍ ଶୃଙ୍ଖଳା ବଜାୟ ରଖିବାର୍ ଆର୍ ଅପରାଧ୍ ନିୟନ୍ତ୍ରଣ୍ କର୍‌ବାର୍‌ଟା ତାଙ୍କର୍ ସର୍‌କାର୍‌ର ସବୁନୁ ବଡ଼ ପ୍ରାଥମିକତା ଆଏ ।

୩- ଭୁବ୍‌ନେଶ୍ୱର୍ ନ ଆଏବା ସୋମ୍‌ବାର୍ ଦିନ ବନ୍ଦ୍ ରହେବା ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ।

ଆଉର୍

୪- ସମ୍ବଲ୍‌ପୁର୍ ନ ଖେଲୋ ଇଣ୍ଡିଆ କନିଷ୍ଠ ମହିଳା ସନ୍ତରଣ ପ୍ରତିଯୋଗିତାଥି ଓଡ଼ିଶାକେ ମିଲ୍‌ଲା ୭ ଟା ସ୍ୱର୍ଣ୍ଣପଦକ୍ ।

ମନ୍ କି ବାତ୍          ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୧୪ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଏଆଇଆର୍ ନ୍ୟୁଜ୍, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍  ଥି ଭିଲ୍ ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଳିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।  ଆଏବା କାଏଲ୍ ରାତି ୮ ବଜେ ଆଂଚଳିକ୍ ଭାଷାଥି ପୁନଃପ୍ରସାରଣ୍ କରାଯିବା ।

ଜିଲ୍ଲାପାଳ୍, ଏସ୍.ପି. ସମ୍ମିଳନୀ          ଆର୍‌ଏନ୍‌ୟୁ/ ସମ୍ବଲପୁର

ଗୁଟେ ବିକଶିତ ରାଷ୍ଟ୍ର ଆଉ ବିକଶିତ ରାଜ୍ୟର୍ ସଂରଚନାର ସଂକଳ୍ପକେ ସାକାର୍ କର୍‌ବାର୍‌ଥି ସ୍ୱରାଷ୍ଟ୍ର ବିଭାଗ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ ।

ଭୁବ୍‌ନେଶ୍ୱର୍ ଲୋକସେବା ଭବନ୍ ନ ଜିଲ୍ଲାପାଲ୍ ଆଉ ଆରକ୍ଷୀ ଅଧିକ୍ଷକଙ୍କର୍ ମିଳିତ ସମ୍ମିଲନୀଥି ଆଏଜ୍ ଅଭିଭାଷଣ୍ ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ରାଏଜେ ଆଇନ୍ ଶୃଙ୍ଖଲା ବଜାୟ ରଖିବାର୍ ଆଉ ଅପରାଧ୍ ନିୟନ୍ତ୍ରଣ୍ କର୍‌ବାର୍‌ଟା ତାଙ୍କର୍ ସର୍‌କାର୍‌ଙ୍କର୍ ସବୁନୁ ବଡ଼ ପ୍ରାଥମିକତା ଆଏ। ଭାରତ୍‌ର ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ମହିଲାମାନ୍‌କର୍ ସୁରକ୍ଷାକେ ସବୁବେଲେ ପ୍ରାଥମିକତା ଦେଇଆସୁଛନ୍। ତାଙ୍କର୍ ଦୃଢ଼ ନେତୃତ୍ୱ ଆଉ ମାର୍ଗଦର୍ଶନ୍‌ଥି ମହିଲା, ଶିଶୁ ଆଉ ଦୁର୍ବଲ୍ ଶ୍ରେଣୀର୍ ଲୁକ୍‌କର୍ ବିରୋଧ୍ ନ ଘଟୁଥିବା ଅପରାଧ୍‌ର ଜଲ୍‌ଦି ସମାଧାନ୍ କର୍‌ବାର୍‌କେ ପଦକ୍ଷେପ୍ ନିଆଯାଉଛେ। ଶୂନ୍ୟ ସହନଶୀଳତା ନୀତି ଅପ୍‌ନେଇକରି ଅପରାଧ୍‌ଥି ଶିକାର୍ ହେଉଥିବା ପିଡ଼ିତାମାନ୍‌କୁ ଜଲ୍‌ଦି ନ୍ୟାୟ ଦେବାର୍‌କେ ତାଙ୍କର୍ ସର୍‌କାର୍ ପ୍ରତିଶ୍ରୁତିବଦ୍ଧ। ଅପରାଧୀ ଯେନ୍‌କେନ୍‌ସି ପଦମର୍ଯ୍ୟାଦାଥି ଥିଲେ ଭିଲ୍ ତାଙ୍କର୍ ବିରୋଧ୍ ନ କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍। ସେନ୍ତା ମହିଲା ହିଂସା ବାବ୍‌ଦେ ଜିଲ୍ଲା ୱାରି ଆର୍ ହିଂସା ବର୍ଗୱାରି ପୁରା ତଥ୍ୟ ଦେବାର୍‌କେ ପୁଲିସ୍ ମହାନିର୍ଦ୍ଦେଶକଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍।

ଇ ତଥ୍ୟକେ ଅନୁଧ୍ୟାନ୍ କର୍‌ବାର୍ ଉତ୍‌ରୁ ଆଇନ୍ ବିଭାଗ୍ ସାଙ୍ଗେ ବିଚାର୍ ବିମର୍ଷ କରିକରି ଆଗାମୀ କାର୍ଯ୍ୟପନ୍ଥା ଥିର୍ କରାଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍। ଥାନାକେ ଅଭିଯୋଗ୍ ନେଇକରି ଆସୁଥିବା ଲୁକ୍‌କୁ ଖାସ୍ କରି ମହିଲାମାନ୍‌କର୍

ପ୍ରତି ଭଲ୍ ବେଭାର୍ କର୍ବାର୍କେ ମୁଖ୍ୟମନ୍ତ୍ରୀ ପୁଲିସ୍‌କେ ନିର୍ଦ୍ଦେଶ୍ ଦେଇଛନ୍ । ସେନ୍ତା ରାଜ୍ୟର୍ ଭିନ୍ ଭିନ୍ ଥାନାମାନ୍‌କେ ଥିବା ମହିଲା ଆଉ ଶିଶୁ ଡେସ୍କକେ ଅଏତ୍‌କା କ୍ରୀୟାଶୀଳ କର୍ବାର୍ ଦର୍କାର୍ ରହିଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ ଯେ, ଶ୍ରୀଜଗନ୍ନାଥ୍ ମନ୍ଦିର୍‌ର ସୁରକ୍ଷା ଆଉ ନିରାପତା ଲାଗି ପୁରୀଠାନେ ୧ ହଜାର୍ ୮୩ ଟା ଭିନ୍ ଭିନ୍ ବର୍ଗର୍ ପଦ୍‌ବୀକେ ନେଇକରି ଗୁଟେ ସ୍ୱତନ୍ତ୍ର ସୁରକ୍ଷା ବାଟାଲିୟନ୍ ଗଠନ୍ କର୍ବାର୍ ପ୍ରକ୍ରିୟା ସର୍କାର୍ ମୁଲ୍ କରିଛନ୍ । ଇଟା ଖୋବ୍ ଜଲ୍‌ଦି କାର୍ଯ୍ୟକାରୀ ହେବା । ସେନ୍ତା ଥାନାମାନ୍‌କେ କର୍ମଚାରୀମାନ୍‌କର୍ ମନୋବଳ ବଢ଼ାବାର୍ ସାଙ୍ଗେ ସେମାନ୍‌କର୍ କାମ୍ କର୍ବାର୍ ସୁବିଧା ଲାଗି ଦୁଇ ଚକିଆ ଆଉ ୪ ଚକିଆ ଗାଡ଼ି ଯୁଗେଇ ଦିଆଯିବା । ଇତାର୍‌ସଙ୍ଗେ ଜରୁରୀକାଲୀନ୍ ସେବା ଯୁଗଉଥିବା ଆହୁରି ୧୦ ଟା ଓଡ୍ରାଫ୍ ୟୁନିଟ୍ କାର୍ଯ୍ୟକାରୀ କରାଯିବା ଆଉ ଫି' ଜିଲ୍ଲା ନ ଓଡ୍ରାଫ୍ ଟିମ୍ ରହେବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଜିଲ୍ଲାପାଲ୍, ଏସ୍.ପି. ସମ୍ମିଳନୀ -୧ ଆର୍‌ଏନ୍‌ୟୁ/ସମ୍ବଲପୁର

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ହେଇଥିବା ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକଙ୍କର୍ ମିଳିତ ସମ୍ମିଳନୀର୍ ୨ ନମ୍ବର୍ ଦିନେ ମହିଲା ସୁରକ୍ଷା କ୍ଷେତ୍ରଥି ବହୁତ୍‌ଟେ ବିଭାଗ୍‌ର ଏକକ

ସମନ୍ୱୟ ଉପ୍‌ରେ ଗୁଟେ ସ୍ୱତନ୍ତ୍ର ଅଧିବେଶନ୍ ହେଇଛେ । ଇ ଅଧିବେଶନ୍‌ର ଆଲୋଚନାଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଉ ଗୃହବିଭାଗ୍‌ର ସ୍ୱତନ୍ତ୍ର ଶାସନ୍ ସଚିବ ସନ୍ତୋଷ୍ ବାଲାଙ୍କର୍ ସାଙ୍ଗେ ଅଲ୍‌ଗା ଜିଲ୍ଲାପାଲ୍ ଆର୍ ଏସ୍.ପି. ମାନେ ଅଂଶଗ୍ରହଣ୍ କରିଥିଲେ । ଇଥି ପୁଲିସ୍ ଆଇ.ଜି. ସାଇନି ଏସ୍. ରାଏଜେ ମହିଲା ସୁରକ୍ଷା କ୍ଷେତ୍ରଥି ପୁଲିସ୍‌ର ଭୂମିକା ବିଷେ ଭିନ୍ ଭିନ୍ ତଥ୍ୟ ଉପସ୍ଥାପନ୍ କରିଥିଲେ । ମହିଲା ବିରୋଧୀ ହିଂସା ସେମାନ୍‌କର୍ ନିଜର୍ ସମ୍ପର୍କୀୟ ଲୁକ୍‌କର୍ ଦ୍ୱାରା ହିଁ ଅଏତ୍‌କା ହେଉଛେ ବଲି ତଥ୍ୟନୁ ଜନାପଡ଼ିଛେ । ସେନ୍ତା ମହିଲାମାନ୍‌କର୍ ସୁରକ୍ଷା ଲାଗି ହେଲ୍ପଲାଇନ୍ ନମ୍ବର୍ ୧୮୧, ୱାନ୍ ଷ୍ଟପ୍ ସେଂଟର୍, ଶକ୍ତିସଦନ୍, ସଖୀ ନିବାସ୍ କାର୍ଯ୍ୟକ୍ଷମ୍ ହେଉଛେ ବଲି ମହିଲା, ଶିଶୁ ବିକାଶ୍ ବିଭାଗ୍‌ର ନିର୍ଦ୍ଦେଶିକା ମୋନୀଷା ବାନାର୍ଜୀ ଅଧିବେଶନ୍‌ଥି କହିଥିଲେ । ମୟୁର୍‌ଭଞ୍ଜ୍ ଏସ୍.ପି. ଏସ୍. ସୁଶ୍ରୀ ଇ ଆଲୋଚନାଥି ଅଂଶଗ୍ରହଣ୍ କରିକରି ଜନଜାତି ବହୁଳ ଇଲାକାମାନ୍‌କେ ହେଉଥିବା ମହିଲା ବିରୋଧୀ ଅପରାଧ୍‌ର କାରଣ୍ ଆର୍ ନିରାକରଣ ବାବ୍‌ଦେ ଆଲୋକପାତ କରିଛନ୍ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ବନ୍ଦ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଭୁବ୍‌ନେଶ୍ୱର୍ ୟୁନିଟ୍ - ୫ ନ ଆଏବା ସୋମ୍‌ବାର୍ ଦିନ ହେବାର୍‌କେ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ମୁଖ୍ୟମନ୍ତ୍ରୀଙ୍କର୍ ଅଲ୍‌ଗା ଗୁରୁତ୍ୱପୂର୍ଣ୍ଣ ସର୍‌କାରୀ କାମ୍ ଥିବାର୍‌ନୁ ଇ ଦିନ ଅଭିଯୋଗ୍ ପ୍ରକୋଷ୍ଠକେ ବନ୍ଦ୍ ରଖାଯାଇଛେ । ପରବର୍ତ୍ତୀ ଅଭିଯୋଗ୍ ଶୁଣାଣିର୍ ତାରିଖ୍ ଲୋକ୍‌ମାନ୍‌କୁ ଖବର୍‌କାଗଜ୍ ଜରିଏ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ୍ ଆର୍ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ମିଲିଛେ ।

ବିଶ୍ୱ ଜଳାତଙ୍କ ଦିବସ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏଜ୍ ହେଉଛେ ବିଶ୍ୱ ଜଳାତଙ୍କ ଦିବସ୍ । ଜଳାତଙ୍କ ରୋଗ୍‌ର ପ୍ରଭାବ୍ ଆର୍ ଇତାର୍ ନିରାକରଣ୍ ବାବ୍‌ଦେ ଜନସଚେତନତା ସୃଷ୍ଟି କର୍‌ବାର୍ ଲାଗି ଫି ବଛର୍ ସେପ୍ଟେମ୍ବର୍ ମାସ ୨୮ ତାରିଖ୍ ଦିନ ଇ ଦିବସ୍ ପାଲିତ୍ ହେଉଛେ । ଇ ଦିବସ୍ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଜଳାତଙ୍କ ରୋଗ ବାବ୍‌ଦେ ସଚେତନ୍ ରହେବାର୍ ସହେତେ ସମ୍‌କର୍ ସୁସ୍ଥ ଜୀବନ୍ କାମନା କରିଛନ୍ ।

ସ୍ୱଚ୍ଛତା ହିଁ ସେବା ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୋନ୍‌ପୁର୍‌ର ପି.ଏମ୍. ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ତର୍‌ଫୁ ପାନିସିଆଲି ଗାଁ ନ ସ୍ୱଚ୍ଛତା ହିଁ ସେବା ଅଭିଯାନ୍‌ଥି ଆଏଜ୍ ସଫେଇ କାମ୍ କରାଯାଇଛେ । ଇ ଅବ୍‌ସରେ ସେନ ପଲିଥିନ୍ ଆର୍ ପ୍ଲାଷ୍ଟିକ୍ ବେଭାର୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କରାଯିବାର୍ ସହେତେ ସ୍କାଉଟ୍ ଆଉ ଗାଇଡ୍‌ର ଛାତ୍ରଛାତ୍ରୀମାନେ ଗାଁ ରାସ୍ତା ସଫା କରିଥିଲେ । ଗାଇଡ୍ ଟୁକେଲ୍ ଛୁଆମାନେ ଘର୍‌କେ ଘର୍ ଯାଇକରି ପଲିଥିନ୍ ଆର୍ ପ୍ଲାଷ୍ଟିକ୍ ବେଭାର୍‌ର କୁପରିଣତ୍ ବାବ୍‌ଦେ ସଚେତନ୍ କରିଥିଲେ ।

ସ୍ୱଚ୍ଛତା ହିଁ ସେବା ପକ୍ଷ-କଲାହାଣ୍ଡି କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ୍ ତେରେସିଙ୍ଗା ଯୁକ୍ତଦୁଇ ମହାବିଦ୍ୟାଳୟ ନ ସ୍ୱଚ୍ଛତା ହିଁ ସେବା ପକ୍ଷ ଆଏଜ୍ ପାଳିତ୍ ହେଇଛେ । ଇଥି କଲେଜ୍ ଛାତ୍ରଛାତ୍ରୀମାନେ ଆଉ ଏନ୍‌ଏସ୍‌ଏସ୍‌ର ସ୍ୱେଚ୍ଛାସେବୀମାନେ ସାମିଲ୍ ହେଇକରି କଲେଜ୍ ପରିସର ଆଉ ଆଖର୍‌ପାଖର୍ ଇଲାକା ସଫେଇ କର୍‌ବାର୍ ସଙ୍ଗେ ସଚେତନତାର୍ ବାର୍ତା ଦେଇଥିଲେ । ସେନ୍ତା କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନାଠାନେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ୍ ଅଧୀନ୍‌ଥି ଗୁଟେ ସ୍ୱଚ୍ଛତା ସଚେତନତା ଶୋଭାଯାତ୍ରା ଆଏଜ୍ ହେଇଯାଇଛେ । ଇ ଶୋଭାଯାତ୍ରା

ଭବାନୀପାଟ୍ନା ପୌରପାଳିକାନୁ ବାହାରି ସହର୍ ବୁଲିକରି ଲାଲ୍ବାହାଦୂର୍ଶାସ୍ତ୍ରୀ ଷ୍ଟାଡ଼ିୟମ୍ ଠାନେ ପୁହୁଁଚିଥିଲା । ଇଥି ପୌରପାଳିକା ନିର୍ବାହୀ ଅଧିକାରୀ ଡକ୍ଟର୍ ସ୍ୱୟଂସମ୍ପୂର୍ଣ୍ଣଙ୍କର୍ ନେତୃତ୍ୱଥି ଶତାଧିକ ଛାତ୍ରଛାତ୍ରୀ ଆର୍ ସଫେଇ କର୍ମଚାରୀମାନେ ସାମିଲ୍ ହେଇଥିଲେ ।

ସଦସ୍ୟତା ଅଭିଯାନ ବୌଦ୍ଧ ସମ୍ବାଦଦାତା

ବିଜେପି କୃଷକ୍ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର୍ ସାହୁ ବୌଦ୍ଧ ଜିଲ୍ଲା ଆସିକରି ଜିଲ୍ଲା ନ ସଦସ୍ୟତା ଅଭିଯାନ୍ଥି ସାମିଲ୍ ହେଇଥିଲେ । ଶ୍ରୀ ସାହୁ ହର୍ଭଙ୍ଗା ବ୍ଲକ୍ର ପିତାମ୍ବର୍ପୁର୍ ଗାଁ ନ ଘର୍କେ ଘର୍ ଯାଇକରି ଅଭିଯାନ୍ଥି ସାମିଲ୍ ହେଇକରି ଗ୍ରାମ୍ପଂଚାୟତ୍ ଅଫିସ୍ ନ ବୃକ୍ଷରୋପଣ୍ କରିଥିଲେ । ଇ ଅବ୍ସରେ ସେ ଚାଷୀମାନ୍କୁ ଗଛ୍ ଚାରା ବାଂଟିଥିଲେ ।

ଗରିବ୍ ବନ୍ଦୀ ଆର୍ଥିକ୍ ସାହାଜ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା କାରାଗାର୍ ନ ସଜା କାଟୁଥିବା ବର୍ଗଡ୍ ଜିଲ୍ଲାର୍ ଝନେ କଏଦୀ ଗରିବ୍ ବନ୍ଦୀ ଆର୍ଥିକ୍ ସାହାଜ୍ ଯୋଜ୍ନାଥି ଆଏଜ୍ ଜେଲ୍ନୁ ବାହାରିଛନ୍ । ବର୍ଗଡ୍ ଜିଲ୍ଲା ଦୌରାଜଜ୍ଙ୍କର୍ ଫଏସଲା ଅନ୍ସାରେ ଗୁଟେ ମାମ୍ଲାଥି

ତାଙ୍କୁ ଦୁଇ ବଛର୍ ଜେଲ୍ ଆଉ ୧୦ ହଜାର୍ ଟଙ୍କା ଜରିମାନା ଆଦାୟ କରାଯାଇଥିଲା । ଜେଲ୍ ବଦ୍‌ଲି ନିୟମ୍ ଅନ୍‌ସାରେ ସେ ବନ୍ଦୀ ଝନ୍‌କ ବୌଦ୍ଧ ଜିଲ୍ଲା କାରାଗାର୍ ନ ସଜା କାଟୁଥିଲେ । ଗରିବ୍ ବନ୍ଦୀ ଆର୍ଥିକ୍ ସହାୟତା ଯୋଜ୍‌ନାଥି ବୌଦ୍ଧ ଜିଲ୍ଲାସ୍ତରୀୟ ଉଚ୍ଚ କ୍ଷମତା ସମ୍ପନ୍ନ କମିଟିର୍ ସୁପାରିଶ୍ ଅନ୍‌ସାରେ ତାଙ୍କୁ ତାଙ୍କୁ ଜେଲ୍‌ନୁ ଛଡ଼ାଯାଇଛେ ।

ପୋଷଣ୍ ମାସ        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ମିଶନ୍ ଶକ୍ତି ଭବନ୍ ଠାନେ ପ୍ରକଳ୍ପସ୍ତରୀୟ ପୋଷଣ୍ ମାସ ପାଲିତ୍ ହେଇଯାଇଛେ । ଇ ଅବ୍‌ସରେ ଶିଶୁ ବିକାଶ୍ ପ୍ରକଳ୍ପ ଅଧିକାରୀ ମୀନା କୁମାରୀ ଅଗ୍ରୱାଲ୍‌ଙ୍କର୍ ନେତୃତ୍ୱଥି ହେଇଥିବା ଗୁଟେ ସମାବେଶ୍‌ଥି ଅଙ୍ଗନବାଡ଼ି କର୍ମୀ, କିଶୋରୀ, ଗର୍ଭବତୀ ଆଉ ପ୍ରସୂତୀ ମହିଳା ମାନେ ଯୋଗ୍ ଦେଇଥିଲେ । ଇଥି ପୋଷଣ ମାସର୍ ଗୁରୁତ୍ୱ ସହେତେ ରକ୍ତହୀନତାର୍ କାରଣ୍ ଆର୍ ତାର୍ ନିରାକରଣ୍ ଲାଗି ସୁଷମ ଖାଦ୍ୟ ଆର୍ ସଫାସୁତ୍‌ରା ଉପ୍‌ରେ ଜୋର୍ ଦିଆଯାଇଥିଲା ।

କନିଷ୍ଠ ମହିଳା ସନ୍ତରଣ ପ୍ରତିଯୋଗିତା     ଆର୍‌ଏନ୍‌ୟୁ /ସମ୍ବଲପୁର

ଭାରତୀୟ ଖେଲ୍ ପ୍ରାଧିକରଣ୍ ଆଉ ଓଡ଼ିଶା ରାଜ୍ୟ ସନ୍ତରଣ୍ ସଂଘ ତରଫୁ ସମ୍ବଲ୍‌ପୁର୍ ସହରର୍ ଡାକ୍ତର୍ ଝସ୍‌କେତନ୍ ସାହୁ ସନ୍ତରଣାଗାର ନ ଆଏଜ୍ ଠାନୁ ୨ ଦିନିଆ ଖେଲୋ ଇଣ୍ଡିଆ କନିଷ୍ଠ ମହିଳା ସନ୍ତରଣ ପ୍ରତିଯୋଗିତା ମୁଲ୍ ହେଇଛେ । ଇ ପ୍ରତିଯୋଗିତାଥି ବିହାର୍, ଛତିଶ୍‌ଗଡ୍, ଝାଡ୍‌ଖଣ୍ଡ୍, ମଧ୍ୟପ୍ରଦେଶ୍ ଆର୍ ଓଡ଼ିଶାର୍ ୮୪ ଝନ୍ ପ୍ରତିଯୋଗୀ ଅଂଶଗ୍ରହଣ୍ କରିଛନ୍ । ଆଏଜ୍ ହେଇଥିବା ପ୍ରତିଯୋଗିତାଥି ଓଡ଼ିଶାର୍ ଖେଲାଲୀମାନେ ୭ ଟା ସ୍ୱର୍ଣ୍ଣପଦକ୍ ପାଇଥିବାର୍ ବେଲେ ୨ ଟା ସ୍ୱର୍ଣ୍ଣପଦକ୍ ଝାଡ୍‌ଖଣ୍ଡ ଆର୍ ଗୁଟେ ଛତିଶ୍‌ଗଡ୍‌କେ ମିଲିଛେ । ଓଡ଼ିଶାର୍ ଦିବ୍ୟଙ୍କା ପ୍ରଧାନ୍ ସବୁନୁ ଅଏତ୍‌କା ୩ ଟା ସ୍ୱର୍ଣ୍ଣପଦକ୍ ପାଇଛନ୍ । ଆଝିର୍ ଉଦ୍‌ଘାଟନୀ ସମାରୋହଥି ରାଜ୍ୟ ସନ୍ତରଣ ସଂଘର୍ ସଭାପତି ପ୍ରଦୀପ୍ କୁମାର୍ ପାଢ଼ୀ ସ୍ୱାଗତ୍ ଭାଷଣ୍ ଦେଇଥିବାର୍ ବେଲେ ମୁଖ୍ୟଅତିଥି ଭାବେ ସମ୍ବଲ୍‌ପୁର୍ ବିଧାୟକ୍ ଜୟନାରାୟଣ୍ ମିଶ୍ର ଯୋଗ୍ ଦେଇଥିଲେ । ସେନ୍ତା ସମ୍ମାନୀତ ଅତିଥି ଭାବେ ସମ୍ବଲପୁର ମହାନଗର୍ ନିଗମ୍‌ର କମିଶନର୍ ଶ୍ରୀ ବେଦଭୂଷଣ୍, ହକି କୋଚ୍ ରାକେଶ୍ କୁମାର୍ ସୁଖ୍‌ଦେବ୍, ଜିଲ୍ଲା ସୂଚନା, ଲୋକସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲୁ ଉପସ୍ଥିତ୍ ଥିଲେ । ପହେଲା ଥର୍ ଲାଗି ସମ୍ବଲ୍‌ପୁର୍ ଠାନେ ଖେଲୋ ଇଣ୍ଡିଆର୍ ଇ ଜାତୀୟ ସନ୍ତରଣ୍ ପ୍ରତିଯୋଗିତା ହେଉଛେ ।

ଅଲ୍ଇଣ୍ଡିଆ ଫୁଟ୍ବଲ୍ ପ୍ରତିଯୋଗିତା                    ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍ପୁର୍ ଭିଏସ୍ଏସ୍ ଷ୍ଟାଡ଼ିୟମ୍ ନ ବୀର ସୁରେନ୍ଦ୍ର ସାଏ ଅଲ୍ଇଣ୍ଡିଆ ଫୁଟ୍ବଲ୍ ପ୍ରତିଯୋଗିତା -୨୦୨୪ ମୁଲ୍ ହେଇଯାଇଛେ । ବିଧାୟକ୍ ଜୟନାରାୟଣ୍ ମିଶ୍ର ଇତାକେ ଉଦ୍ଘାଟନ୍ କରିଛନ୍ । ଇ ପ୍ରତିଯୋଗିତା ଆଏବା ୪ ତାରିଖ୍ତକ୍ ଚାଲ୍ବା ଆଉ ଫି’ ଦିନ ଗୁଟେ ଲେଖା ମେଚ୍ ଚାଲ୍ବା । ଇ ପ୍ରତିଯୋଗିତାଥି ଓଡ଼ିଶା ସହେତେ ମହାରାଷ୍ଟ୍ର, ଝାର୍ଖଣ୍ଡ, ପଶ୍ଚିମବଙ୍ଗ୍, ବିହାର୍ ଆଉ ଆନ୍ଧ୍ରପ୍ରଦେଶ୍ର ୮ ଟା ଫୁଟ୍ବଲ୍ ଦଲ୍ ଭାଗ୍ ନେଇଛନ୍ । ଇ ପ୍ରତିଯୋଗିତାକେ ଜିଲ୍ଲା ପ୍ରଶାସନ୍ ଆଉ ସମ୍ବଲ୍ପୁର୍ ଫୁଟ୍ବଲ୍ ଏସୋସିଏସନ୍ ତର୍ଫୁ ଆୟୋଜନ୍ କରାଯାଉଛେ ।

ହୀରାକୁଦ୍ ଜଲ୍ଭଣ୍ଡାର                    ସମ୍ବଲ୍ପୁର୍ ସମ୍ବାଦଦାତା

ହୀରାକୁଦ୍ ଜଲ୍ଭଣ୍ଡାର୍ର ଜଲ୍ସ୍ତର୍ ବଢ୍ବାର୍ନୁ ଆଏଜ୍ ୧୦ ଟା ଗେଟ୍ ଦେଇକରି ପାଏନ୍ ମହାନଦୀକେ ଛଡ଼ାଯାଉଛେ । ସଞ୍ଜର୍ ୬ ବଜେ ଫି ସେକେଣ୍ଡ୍ଥି ୧ ଲାଖ୍ ୮୯ ହଜାର୍ ୫ ଶହ ୭୫ ଘନଫୁଟ୍ ପାଏନ୍ ଜଲ୍ଭଣ୍ଡାର୍କେ ଆସୁଥିବାର୍ ବେଲେ ସେତ୍କି ପାଏନ୍ ଛଡ଼ାଯାଉଛେ । ଜଲ୍ଭଣ୍ଡାର୍ର

ଜଲ୍ସ୍ତର୍ ୬ ଶହ ୩୦ ଫୁଟ୍ ରହିଥିବାର୍ ହୀରାକୁଦ୍ କଂଟ୍ରୋଲ୍ ରୁମ୍‌ନୁ ସୂଚ୍‌ନା ମିଲିଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛେ । ଇତାର୍ ପ୍ରଭାବ୍‌ଥି ଆଏବା କାଏଲ୍ ସୁନ୍ଦର୍‌ଗଡ଼୍, ନୂଆପଡ଼ା, ସହେତେ ୯ ଟା ଜିଲ୍ଲା ନ ଧୁକାଗର୍ଡ଼ି ସହେତେ ବର୍ଷା ହେଇପାରେ । ଇତାକେ ନେଇକରି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ମିଲିଛେ ।